# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୬୬୯ /ସୂ.ଲୋ.ସଂ, ୨୨/୮/୨୦୧୯

## ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ "ସଖୀ" ଉଦ୍‌ଘାଟିତ

ଢେଙ୍କାନାଳ,ତା ୨୨/୦୮/୨୦୧୯ରିଖ :- ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ ମହଲରେ "ସଖୀ" ଏକୀକୃତ ସହାୟତା କେନ୍ଦ୍ର ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଆଜି ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି ।

ଉକ୍ତ ପ୍ରାରମ୍ଭରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଗୋପୁର" ନିର୍ଦ୍ଦେଶକ ଶ୍ରୀ ଉଦୟେନ୍ଦୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀ ପ୍ରଦିପ୍ତ କୁମାର ମଲ୍ଲିକ ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଓଡ଼ିଶା ସରକାର ଏବଂ "ଗୋପୁର" ମାଧ୍ୟମରେ ଢେଙ୍କାନାଳ ଜିଲ୍ଲା ପାଇଁ ଏକ ସଖୀ : ଏକୀକୃତ ସହାୟତା କେନ୍ଦ୍ର (SAKHI : ONE STOP CENTER) ଆରମ୍ଭ କରାଯାଇଥିବା ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ଜନସ୍ୱାସ୍ଥ୍ୟ) ଡକ୍ଟର ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ଏହି କେନ୍ଦ୍ରରେ ସମସ୍ତ ଶାରୀରିକ ଓ ମାନସିକ ସ୍ତରରେ ପ୍ରପୀଡ଼ିତ ମହିଳାମାନଙ୍କୁ ପ୍ରତ୍ୟେକ ସ୍ୱାସ୍ଥ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ । ସ୍ୱାସ୍ଥ୍ୟ ସହାୟତା, ଆଇନଗତ ସହାୟତା ଇତ୍ୟାଦି ସେବାଗୁଡ଼ିକ ପ୍ରତିଦିନ ଦିନମ ୨୪ ଘଣ୍ଟା ଭିତରେ ଉପଲବ୍ଧ ହେବ ଏବଂ ୧୮ ବର୍ଷରୁ କମ ବୟସର ମହିଳାମାନେ ଏହି କେନ୍ଦ୍ରର ସହାୟତା ପାଇପାରିବେ ବୋଲି ଡକ୍ଟର ବସନ୍ତ ନନ୍ଦ, ଏ.ଡି.ଏମ.ଓ (ପରିବାର କଲ୍ୟାଣ) ପ୍ରକାଶ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପି.କେ. ମଲ୍ଲିକ "ସଖୀ" ଏକୀକୃତ ସହାୟତା କେନ୍ଦ୍ରଦ୍ୱାରା ବଳାତ୍କାରର ଶିକାର, ପାରିବାରିକ ହିଂସା, ଏସିଡ ଆକ୍ରମଣ, ମହିଳା ଅପହରଣ ବା [illegible], ଯୌନ ଉତ୍ପୀଡ଼ନ/ଶୋଷଣ, ମହିଳା ଚାଲାଣ, ବାଳିକା ଯୌନ ନିର୍ଯ୍ୟାତନା, ବାଲ୍ୟ ବିବାହ, ସାଇବର କ୍ରାଇମ ଓ ଯୌତୁକ ଜନିତ ନିର୍ଯ୍ୟାତନ ଓ ମୃତ୍ୟୁ ଇତ୍ୟାଦି ବିଷୟରେ ସହାୟତା ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ, ଢେଙ୍କାନାଳ ପ୍ରକଳ୍ପ ପରିଚାଳକ ଶ୍ରୀ ସଂଜୀବ କୁମାର ମହାନ୍ତି, ଯେ କୌଣସି ପ୍ରକାର ହିଂସାଦ୍ୱାରା ପୀଡ଼ିତା ମହିଳା କିମ୍ବା ବାଳିକା ଘଟଣା ସମ୍ବନ୍ଧରେ ଅବଗତ ହେବାପରେ ସଂପୃକ୍ତ ମହିଳା ବା ବାଳିକାଙ୍କୁ "ସଖୀ" କେନ୍ଦ୍ର ସହିତ ଯୋଗାଯୋଗ

(ଅ.ପୃ.ଦେ.)

ପୁଲିସ ସହାୟତା, ଚିକିତ୍ସା ସହାୟତା, ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ, ଅସ୍ଥାୟୀ ଭାବେ ୫ ଦିନ ସେଣ୍ଟରରେ ରହିବାର ସୁବିଧା, ପରିସ୍ଥିତିକୁ ବିଚାରକୁ ନେଇ ଅନ୍ୟ ଯୋଗାଣ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ଢେଙ୍କାନାଳ ଶିଶୁ କଲ୍ୟାଣ କମିଟିର ସଦସ୍ୟା ଶ୍ରୀମତୀ ନିବେଦିତା ରଥ ତାଙ୍କ ଅଭିଭାଷଣରେ, ଏଠାକୁ ଅଭିଯୋଗ ନେଇ ଆସିଥିବା ମହିଳାମାନଙ୍କର ସମସ୍ତ ତଥ୍ୟ ଗୋପନ ରଖାଯିବ ଏବଂ ନିର୍ଯାତିତା ନିଜେ ତାହାକୁ ଘଟଣାର ସମସ୍ତ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଉ ବୋଲି ଚାହିଁବେ ସେ ସେତେବେଳେ "ସଖୀ" ସେଣ୍ଟରରେ ଗଣମାଧ୍ୟମର ସହଯୋଗ ଲୋଡ଼ାଯିବ ବୋଲି କହିଥିଲେ। ଢେଙ୍କାନାଳ ଓକିଲ ସଂଘ ସଭାପତି ଶ୍ରୀ ସଞ୍ଜୟ କୁମାର ସିଂ ଏହି ଅବସରରେ ଯୋଗଦେଇ ଜିଲ୍ଲା ଓକିଲ ସଂଘ ତରଫରୁ 'ସଖୀ'କୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଅନୁରାଧା ଗୋସ୍ୱାମୀ, ଜିଲ୍ଲାରେ କାର୍ଯ୍ୟରତ ଉପଖଣ୍ଡିତ ଶ୍ରୀ ନେତ୍ରୀ ନାରାୟଣ ମାଣି ସହ ଅନେକଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ।

ଏହି ଉଦଘାଟନୀ ଉତ୍ସବରେ ସମସ୍ତ ବିଭାଗୀୟ ଓ, ଆଇ.ସି.ଡି.ଏସ. ସୁପରଭାଇଜର, ପ୍ରୋଗ୍ରାମ ଅଫିସର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ କର୍ମଚାରୀବୃନ୍ଦ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

— x —

ହେମନ୍ତ କୁମାର ନାୟକ ୨୨/୦୮/୧୮
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ